

ଥାଇଲ୍ୟାଣ୍ଡ ଗୁମ୍ଫା ଉଦ୍ଧାର ବିଷୟରୁ ଅନେକ କିଛି ବିଷୟ ଆମକୁ ଶିଖିବାକୁ ହେବ। ପ୍ରଥମେ, ସେଠାକାର ସରକାର ଏ ଉଦ୍ଧାର କାର୍ଯ୍ୟକୁ ନେଇ ପ୍ରଚାର କରିନାହାନ୍ତି। ଦ୍ୱିତୀୟରେ ସେମାନଙ୍କ ବିରୋଧୀଦଳ ଏହା ନେଇ ସରକାରଙ୍କୁ ଆଙ୍ଗୁଳି ଦେଖାଇ ନାହାନ୍ତି। ତୃତୀୟରେ ମିଡିଆ ଏ ଘଟଣାରେ ଚାଞ୍ଚଲ୍ୟ ସୃଷ୍ଟି କରିନାହିଁ। ଯାହା ବ୍ୟାଙ୍କକ୍ ଆଜି କରିଛି ତାହାକୁ କ'ଣ ଆମେ ଆସନ୍ତାକାଲି କରିପାରିବ କି? **-ରାଜଦୀପ ସରଦେଶାଇ, ସାମ୍ବାଦିକ** @sardesairajdeep

**ତ୍ରିମତ** | **ଓଡ଼ିଶାର ୨୮୯ ଏନ୍‌ଜିଓ ଠକ!**

# ଏନ୍‌ଜିଓଙ୍କୁ ନିୟନ୍ତ୍ରଣ ଆବଶ୍ୟକ!

**ଦିନକୁ ଦିନ ଏନ୍‌ଜିଓଙ୍କ ଉପରକୁ ଆଙ୍ଗୁଳି ଇଙ୍ଗିତ ବଢ଼ିବାରେ ଲାଗିଛି। ସମାଜ ସୁଧାର ନାଁରେ କିଛି ବ୍ୟକ୍ତି ସାମାଜିକ ଅନୁଷ୍ଠାନ ଗଢ଼ି ସମାଜ ଭିତରେ ଆର୍ଥିକ ଅନିୟମିତତାକୁ ବାଟ ଦେଖାଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏପରିକି ଏନ୍‌ଜିଓଗୁଡ଼ିକ ସାମାଜିକ ବିକାଶ ଅପେକ୍ଷା ନିଜର ବିକାଶ ପାଇଁ ଚେଷ୍ଟାରତ ବୋଲି ଅଭିଯୋଗ ହେଉଛି। ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସମୟରେ ଏନ୍‌ଜିଓଙ୍କ କଳା ତାଲିକା ପ୍ରକାଶ କରୁଛନ୍ତି। ଏବେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ କେନ୍ଦ୍ର ସରକାର ଜାରି କରିଥିବା ତାଲିକାରେ ଓଡ଼ିଶାର ୨୮୯ ଏନ୍‌ଜିଓ ନିର୍ଦ୍ଧାରିତ କାର୍ଯ୍ୟ କରିନଥିବା ଦର୍ଶାଯାଇଛି। ସେମାନଙ୍କ ନାଁରେ ଆର୍ଥିକ ଅନିୟମିତତା ଅଭିଯୋଗ ହୋଇଛି। ପ୍ରଶ୍ନ ଉଠୁଛି ସତରେ କ'ଣ ଏହି ଏନ୍‌ଜିଓ ସବୁ ଠକ? ଯଦି ଠକ ତେବେ ସେମାନଙ୍କୁ କ'ଣ ନିୟନ୍ତ୍ରଣ କରିହେବ ନାହିଁ। ଏହି କିଛି ଏନ୍‌ଜିଓଙ୍କ ଯୋଗୁଁ କ'ଣ ସାରା ଏନ୍‌ଜିଓ ସମାଜ ବଦ୍‌ନାମ ହୋଇ ଚାଲିଥିବ?**



## କଳା ତାଲିକା ଏକ ଅପମାନ

**ମନୋରଞ୍ଜନ ମିଶ୍ର**
ପୂର୍ବତନ ଏନ୍‌ଜିଓ ସଂଯୋଜକ

ଏନ୍‌ଜିଓ ମାନଙ୍କ କାର୍ଯ୍ୟଶୈଳୀ ନିୟନ୍ତ୍ରଣ ହେବା ଦରକାର। ହେଲେ ସେଥିପ୍ରତି ସରକାର ଧ୍ୟାନ ନଦେଇ ସେମାନେ କାର୍ଯ୍ୟ କରୁନାହାନ୍ତି ବୋଲି ଦର୍ଶାଇବା ଏବଂ ସେମାନଙ୍କୁ କଳା ତାଲିକାଭୁକ୍ତ କରିବା ଅନୁଚିତ। ଏହା ପରୋକ୍ଷରେ ସରକାରଙ୍କ ଦାୟିତ୍ୱହୀନତାକୁ ପ୍ରମାଣିତ କରୁଛି। କାରଣ ପ୍ରତିଟି ଏନ୍‌ଜିଓଙ୍କୁ ସ୍ଥାନୀୟ ସରକାରୀ କଳ ବିଭିନ୍ନ ସମୟରେ ଆୟ ବ୍ୟୟ ତଥା କାର୍ଯ୍ୟ ରୂପାନ୍ତର ବାବଦରେ ପଚାରିବାର ଅଧିକାର ରହିଛି। ତାହା ନକରି ଯେଉଁ କିଛି ଅନୁଷ୍ଠାନ ରାଷ୍ଟ୍ରୀୟ ମହିଳା କୋଷରୁ ଅର୍ଥ ଆଣି ଶୁଝିପାରି ନାହାନ୍ତି ସେମାନଙ୍କୁ କାର୍ଯ୍ୟ କରିପାରୁ ନାହାନ୍ତି ବୋଲି କହିବା ତଥା ସେମାନଙ୍କୁ କଳା ତାଲିକାଭୁକ୍ତ କରିବା ସମଗ୍ର ଏନ୍‌ଜିଓ ସମାଜ ପ୍ରତି ଏକ ଅପମାନ।

ନିକଟରେ କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ବିଭାଗ କିଛି ଏନ୍‌ଜିଓଙ୍କୁ କଳା ତାଲିକାଭୁକ୍ତ କରିଛନ୍ତି। ସେମାନଙ୍କ ଭିତରୁ ଅନେକ ରାଷ୍ଟ୍ରୀୟ ମହିଳା କୋଷରୁ ଅର୍ଥ ଆଣି ଠିକଣା ସମୟରେ ଶୁଝିପାରି ନାହାନ୍ତି। ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏହା ବୁଝିବା ଆବଶ୍ୟକ ଯେ, ଏହି ଟଙ୍କା ସେମାନେ ତୃଣମୂଳ ସ୍ତରର ଏସ୍‌ଏଚ୍‌ଜିଙ୍କୁ ଋଣ ଆକାରରେ ଦେଇଛନ୍ତି। ତାହା ଆଦାୟ ନହୋଇପାରିବାର ଅନେକ କାରଣ ରହିଛି। ତା'ଛଡ଼ା ସେଥିପାଇଁ ସୁଧ ଆଦାୟ ମଧ୍ୟ ବ୍ୟବସ୍ଥା ରହିଛି। କିନ୍ତୁ ଏଥିପାଇଁ ଏନ୍‌ଜିଓଙ୍କୁ କଳା ତାଲିକାଭୁକ୍ତ କରିବା ଯୁକ୍ତିସଙ୍ଗତ ନୁହେଁ। ପୂର୍ବରୁ ଏହିପରି କେବେ ହେଉ ନଥିଲା। ମୁଁ ରାଜ୍ୟରେ ଏନ୍‌ଜିଓ ସଂଯୋଜକ ଥିବା ବେଳେ କିଛି ଅନୁଷ୍ଠାନ କାମ କରୁନାହାନ୍ତି ବୋଲି ଦର୍ଶାଇ ଉପଯୁକ୍ତ କାରଣ ସହ ସେମାନଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ଆବେଦନ ହୋଇଥିଲା। ହେଲେ ରାଜ୍ୟ ସରକାର ତାହାକୁ ଉପଯୁକ୍ତ ପ୍ରମାଣର ଅଭାବ କହି ଫେରାଇଥିଲେ। ଏବେ କିନ୍ତୁ ସେ ପରିସ୍ଥିତି ନଥିଲା ପରି ମନେ ହେଉଛି। ଅନେକ ସମୟରେ ଏନ୍‌ଜିଓଗୁଡ଼ିକ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାର ସ୍କାନରରେ ରହୁଛନ୍ତି। ସେମାନଙ୍କର ଅଧିକାରୀମାନଙ୍କ ସହ ଭଲ ସମ୍ପର୍କ ନ ରହିଲେ କିଛି ଅନୁଷ୍ଠାନକୁ ମଧ୍ୟ କଳା ତାଲିକାରେ ରହିବାକୁ ପଡୁଛି। ଆଉ ଛୋଟ ଏନ୍‌ଜିଓଙ୍କ ପକ୍ଷରେ ଏହା ବିରୋଧରେ ଲଢ଼ିବା ସମ୍ଭବ ହେଉ ନାହିଁ।



## ସଂସ୍କାର ଆବଶ୍ୟକ

**ରଞ୍ଜନ ମହାନ୍ତି**
ସମାଜସେବୀ

ନାଗରିକ ସମାଜ ହେଉ ବା ସାମାଜିକ ସଂଗଠନ ଏହାର ମୂଳ ମନ୍ତ୍ର ହେଉଛି ଉତ୍ତରଦାୟିତ୍ୱବୋଧ ଓ ସ୍ୱଚ୍ଛତା। ଏମାନଙ୍କୁ ଠିକାଦାର ବୋଲି ଭାବିବା ଅନୁଚିତ। ଏହାବାଦ୍ କୌଣସି ସାମାଜିକ ସଂଗଠନ ସେମାନଙ୍କ ମୂଳ ଉଦ୍ଦେଶ୍ୟକୁ ଭୁଲି ନିଜକୁ ଠିକାଦାର ବୋଲି ବିବେଚନା କରିବା ଆବଶ୍ୟକ ନୁହେଁ। ଏହିଭଳି ଭାବନା ଅନେକ ସମୟରେ ସେମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅପରପକ୍ଷେ ସରକାରୀ ପାଣ୍ଠିରେ କାର୍ଯ୍ୟ କରୁଥିବା ଏହି ସଂଗଠନଗୁଡ଼ିକୁ ପାଣ୍ଠି ମିଳିବାରେ ବିଳମ୍ବ ଏବଂ ଅନ୍ୟ କିଛି ଅଲିଖିତ କାରଣ ହେତୁ ସେମାନଙ୍କ କାର୍ଯ୍ୟ ଦକ୍ଷତା କମୁଛି। ଏଭଳି କ୍ଷେତ୍ରରେ ସୁଧାର ଆବଶ୍ୟକ।

ନିକଟରେ ଯେଉଁ ତାଲିକା ପ୍ରକାଶ ପାଇଛି ତାହା ମନ୍ତ୍ରଣାଳୟ ପକ୍ଷରୁ କାମ କରୁଥିବା ଅନୁଷ୍ଠାନଗୁଡ଼ିକର କାର୍ଯ୍ୟ ଦକ୍ଷତାକୁ ଭିତ୍ତିକରି ପ୍ରକାଶ କରାଯାଇଛି। ଏହା ସମ୍ପୃକ୍ତ ମନ୍ତ୍ରଣାଳୟ ପାଖରେ ଥିବା ତଥ୍ୟ ବା କିଛି ସ୍ୱୟଂଶାସିତ ତଥ୍ୟ ସଂଗ୍ରାହକଙ୍କ ରିପୋର୍ଟକୁ ଭିତ୍ତିକରି ପ୍ରସ୍ତୁତ କରାଯାଇଛି। ଏଭଳି ଯାଞ୍ଚ ବ୍ୟବସ୍ଥା ଆବଶ୍ୟକ। ନିୟମିତ ଭାବରେ ଏପରି ଯାଞ୍ଚ ହେବା ଉଚିତ। କିନ୍ତୁ ଆକ୍ରୋଶମୂଳକ ଭାବରେ ଏପରି କୌଣସି କାର୍ଯ୍ୟ କରାଯିବା ଅନୁଚିତ। ଏନ୍‌ଜିଓଙ୍କ କାର୍ଯ୍ୟକଳାପର ଯାଞ୍ଚ କରିବା ତଥା ସେମାନଙ୍କୁ ନିୟନ୍ତ୍ରଣ କରିବା ଲାଗି ଜିଲ୍ଲା ସ୍ତରରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ଯାଏ ବ୍ୟବସ୍ଥା ରହିଛି। କେବଳ ଆବଶ୍ୟକ ଯାହା ତାହା ହେଲା ସେଗୁଡ଼ିକୁ ସକ୍ରିୟ କରାଇବା। ଜିଲ୍ଲା ସ୍ତରରେ ଜିଲ୍ଲା ଏନ୍‌ଜିଓ କନ୍‌ସଲ୍‌ଟେଟିଭ୍ କମିଟି ରହିଛି। ଏହି କମିଟି ଯଦି ଆବଶ୍ୟକ ସମୟରେ ବସି ଉଚିତ ଆଲୋଚନା କରିବ ତେବେ ଅସୁବିଧା ରହିବ ନାହିଁ। ମୂଳରୁ ସମ୍ପୃକ୍ତ ସଂସ୍ଥାର କାର୍ଯ୍ୟ ରୂପାୟନ ସ୍ପଷ୍ଟ ହୋଇଯିବ। ଏହାବାଦ୍ କେନ୍ଦ୍ର ସରକାରଙ୍କ ଦର୍ପଣ ପୋର୍ଟାଲ୍ ମଧ୍ୟ ଏନ୍‌ଜିଓଙ୍କ ଉପରେ ନଜର ରଖୁଛି। ପୂର୍ବରୁ ଯୋଜନା କମିଶନ ଓ ରାଜ୍ୟ ଯୋଜନା ବିଭାଗ ଏନ୍‌ଜିଓଙ୍କ ବାବଦରେ ତଥ୍ୟ ସଂଗ୍ରହ କରୁଥିଲେ। ଏସବୁ ସତ୍ତ୍ୱେ ଆତ୍ମ ନିୟନ୍ତ୍ରଣ ସବୁଠାରୁ ବଡ଼ ଜିନିଷ।



## ଆଇନର ଗଣ୍ଡି ଭିତରେ ତଦାରଖ ଜରୁରୀ

**ଘାସିରାମ ପଣ୍ଡା**
ସାମାଜିକ କର୍ମୀ

ଯେଉଁ ଅନୁଷ୍ଠାନ ଅନୁଦାନ ଦିଏ ସେଇ ଅନୁଷ୍ଠାନର ତଦାରଖ କରିବା କ୍ଷମତା ରହିଛି। ସେଇମାନଙ୍କ ପାଇଁ ଏ ତାଲିକା, ଯେଉଁମାନେ ମହିଳା ଶିଶୁ କଲ୍ୟାଣ ବିଭାଗରୁ ଅନୁଦାନ ଆଣିଥିଲେ। ଏଣୁ କାର୍ଯ୍ୟାନୁଷ୍ଠାନ ନେବା ସ୍ୱାଭାବିକ। ଏ ବାବଦରେ ଯଦି କାହାର କିଛି ଅଭିଯୋଗ ରହିଛି ତେବେ ସେମାନେ ଯାଇ ନ୍ୟାୟିକ ଲଢ଼େଇ ଲଢ଼ନ୍ତୁ, ପ୍ରତିବାଦ କରନ୍ତୁ। ଅନେକ ଆଇନ ରହିଛି ଏନ୍‌ଜିଓଙ୍କୁ ନିୟନ୍ତ୍ରଣ ପାଇଁ। ସୋସାଇଟି ଆକ୍ଟ, ଟ୍ରଷ୍ଟ ଆକ୍ଟ, ଇନ୍‌କମ୍ ଟ୍ୟାକ୍ସ ଆଇନ ପ୍ରଭୃତି ରହିଛି। ଯାହାକୁ ସରକାରୀ କଳ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ନେଇ ପାରିବେ। ଏଣୁ ନିୟନ୍ତ୍ରଣ ପାଇଁ ଆଉ କିଛି ବିଶେଷ ଆଇନ ବା ପ୍ରାଧିକରଣର ଆବଶ୍ୟକ ନାହିଁ। ଅପରପକ୍ଷେ ଏହିପରି ତଦାରଖ ନାଁରେ କଣ୍ଠରୋଧ କରାନଯାଉ। ଆଇନର ଗଣ୍ଡି ଭିତରେ ଯେତିକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ସେସବୁ ସ୍ୱାଗତଯୋଗ୍ୟ।

ସମ୍ପ୍ରତି ବିଭିନ୍ନ ପେସାରେ ଦୁର୍ନୀତି ଅଙ୍ଗ ହୋଇଗଲାଣି। ଏହାର ଅର୍ଥ ନୁହେଁ ଯେ, ସାମଗ୍ରିକ ଭାବେ କୌଣସି ପେସାକୁ ବଦ୍‌ନାମ କରାଯିବ। ଏନ୍‌ଜିଓ ଭିତରେ ବି ଦୁର୍ନୀତି ଥାଇପାରେ। କିନ୍ତୁ ଅନେକ ଏନ୍‌ଜିଓ ବହୁତ ବିଶ୍ୱସନୀୟ ସାମାଜିକ କ୍ଷେତ୍ରରେ ପ୍ରତିବଦ୍ଧ ହୋଇ କାର୍ଯ୍ୟ କରୁଥିବା ଦୃଷ୍ଟାନ୍ତ ଦେଖାଯାଇଛି। ଯେଉଁମାନେ ପ୍ରକୃତରେ ଦୁର୍ନୀତିଗ୍ରସ୍ତ ସେମାନଙ୍କୁ ଯାଞ୍ଚ କରାଯାଉ। ନିୟମିତ ଧରପଗଡ଼ କରାଯାଉ। ଅପରପକ୍ଷେ ପ୍ରତିଟି ଏନ୍‌ଜିଓ ମୌଳିକ ଭାବେ ଗୋଟିଏ ଗୋଟିଏ ସାର୍ବଜନୀନ ଅନୁଷ୍ଠାନ। ଅର୍ଥାତ୍ ସାଧାରଣ ଜନତା ଯେକୌଣସି ସମୟରେ ଏହି ଅନୁଷ୍ଠାନକୁ ଯାଇ ସେମାନଙ୍କ କାମ ବିଷୟରେ ପ୍ରଶ୍ନ ପଚାରିବାର ସୁଯୋଗ ରହିବା ଆବଶ୍ୟକ। ହେଲେ ବହୁତ ଜାଗାରେ ହୋଇପାରୁନି। ଏଥିପାଇଁ ସରକାରୀକଳ ଦାୟୀ। କାର୍ଯ୍ୟଧାରାରେ ସ୍ୱଚ୍ଛତା ସୃଷ୍ଟି ଏନ୍‌ଜିଓଙ୍କ ଦାୟିତ୍ୱ। ଯଦି ସେମାନେ ନିଜ ଭିତରେ ସ୍ୱଚ୍ଛତା ରକ୍ଷା ନକରିବେ ତେବେ ଆଗକୁ ସମଗ୍ର କ୍ଷେତ୍ର ପ୍ରଭାବିତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ସରକାରୀକଳ କେବେ ସ୍ୱଚ୍ଛତା ନିଶ୍ଚିତ କରିପାରିବ ନାହିଁ। ଏଣୁ ଆବଶ୍ୟକ ପଦକ୍ଷେପ ନିଆଯିବା ଆବଶ୍ୟକ।

**ଆପଣ ଏ ପ୍ରସଙ୍ଗରେ ଇ-ମେଲ୍ nitidinedit@gmail.com ଜରିଆରେ ନିଜର ମତାମତ ଦେଇପାରିବେ।**

**ଉପସ୍ଥାପନା: ହରିହର ପଣ୍ଡା**

## ଟ୍ୱିଟ୍ @nitidintoday



ମୁଖ୍ୟ ଅର୍ଥନୀତିକ ଉପଦେଷ୍ଟା ପଦବୀ ପାଇଁ ଶିକ୍ଷା ଓ ପେସାଗତ ଆବଶ୍ୟକତାକୁ ସେମାନେ କାହିଁକି କୋହଳ କଲେ? ବ୍ୟାଙ୍କଗୁଡ଼ିକରେ ମଧ୍ୟ ଏହିପରି ପଦବୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ଗୁପ୍ତ ରହସ୍ୟ କ'ଣ?
**-ଅହମ୍ମଦ ପଟେଲ, କଂଗ୍ରେସ ନେତା**
@ahmedpatel



୩୭୭ ମାମଲା ଏବେ ସୁପ୍ରିମ୍‌କୋର୍ଟଙ୍କ ବିଚାର ପାଇଁ ଛଡ଼ାଯାଇଛି ତାହା ଶୁଣି ଖୁସି ଲାଗୁଛି। କିନ୍ତୁ ଏ ବାବଦରେ କେନ୍ଦ୍ର କୌଣସି ପକ୍ଷ ନନେବା ଦୁଃଖଦ କଥା। ଯେଉଁ ରାଜନେତାମାନେ ଏହାର ଉଚ୍ଛେଦ ପାଇଁ କହୁଛନ୍ତି ସେମାନଙ୍କୁ ସାଧୁବାଦ।
**-ନିଧି ରାଜଦାନ, ସାମ୍ବାଦିକ** @Nidhi



ଭାରତର ବ୍ୟୟବହୁଳ ବାହାଘରମାନଙ୍କରେ ହସ୍‌ପିଟାଲ୍‌କୁ ଆମ୍ବୁଲାନ୍ସ ଏବଂ ଆବଶ୍ୟକ ଉପକରଣ ଯୋଗାଇବାର ପରମ୍ପରା ଆରମ୍ଭ ହେବା ଆବଶ୍ୟକ। ଯଦି ଭାରତର ଧନୀବର୍ଗ ଏହା ଆରମ୍ଭ କରିବେ ହୁଏତ ତାହା ଏକ ସାଧାରଣ ପ୍ରଥା ଭାବେ ଆଗକୁ ପରିଗଣିତ ହେବ।
**-ସ୍ମିତା ପ୍ରକାଶ, ସାମ୍ବାଦିକ** @smitaprakash



ଏକ ସମୟ ଥିଲା ଯେତେବେଳେ ହକି କ୍ରିକେଟ୍‌ଠାରୁ ଅଧିକ ଲୋକପ୍ରିୟ ଥିଲା। ଆଶା କରୁଛି ଭୁବନେଶ୍ୱରରେ ହକି ବିଶ୍ୱକପ୍ ଆୟୋଜନ ପରେ ଭାରତୀୟ ହକିରେ ସେହି ଗୌରବ ପୁଣିଥରେ ଫେରିପାରିବ।
**-ଭିନୀଲ୍ କ୍ରୀଷ୍ଣା, ସିଇଓ- ସ୍ମାର୍ଟ ସିଟି ଭୁବନେଶ୍ୱର**
@rvineel_krishna



ଦୁର୍ନୀତିଗ୍ରସ୍ତ ରାଜନେତା ଓ ଅମଲାତନ୍ତ୍ରୀଙ୍କ ପ୍ରୋତ୍ସାହନରେ ବ୍ୟବସାୟଧର୍ମୀ ଧର୍ମଗୁରୁମାନଙ୍କ ସବୁଜ ଅପରାଧ ଦିନକୁ ଦିନ ବଢ଼ିଚାଲିଛି।
**-ରଞ୍ଜନ ପଣ୍ଡା, ସାମାଜିକ କର୍ମୀ**
@ranjanpanda



ଆମ୍ବୁଲାନ୍ସକୁ ପ୍ରାଧାନ୍ୟ ଦେବା ଲାଗି କର୍ଣ୍ଣାଟକ ସରକାର ଭିଆଇପି କାରକେଡ୍ ବ୍ୟବସ୍ଥାକୁ ଉଚ୍ଛେଦ କରିଛନ୍ତି। ଏହି ଉଦାହରଣକୁ ଲକ୍ଷ୍ୟ କରି ଓଡ଼ିଶା ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବେ କି?
**-ଅଭିଷେକ ମହାନନ୍ଦ, କଂଗ୍ରେସ କର୍ମକର୍ତ୍ତା**
@MahanandaINC

## ଖୋଲାମଞ୍ଚ

### ବରଗଡ଼ରେ କର୍କଟ ହସ୍ପିଟାଲ୍ ହେବା ଦରକାର



**ସୁରେନ୍ଦ୍ର କୁମାର ପଣ୍ଡା, ଆଇନଜୀବୀ**

ସରକାରୀ ଆକଳନ ଦୃଷ୍ଟିକୋଣରୁ ବରଗଡ଼ ଜିଲ୍ଲାରେ ସର୍ବାଧିକ କର୍କଟ ରୋଗୀ। ବିଶେଷ କରି ପଶ୍ଚିମ ଓଡ଼ିଶାର ପ୍ରାୟ ୭୦% ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ସେଥିମଧ୍ୟରୁ ପ୍ରାୟ ୬୦% ରୋଗୀ କେବଳ ବରଗଡ଼ ଜିଲ୍ଲାର। ଏସବୁକୁ ଆକଳନ କରି ବରଗଡ଼ର ଏକ ସାମାଜିକ ସଂସ୍ଥା କର୍କଟ ରୋଗ ବିରୋଧରେ ଯୁଦ୍ଧ ଡାକରା ଦେବା ସହ ଲୋକଙ୍କୁ ସଚେତନ କରିଛନ୍ତି। ନିକଟରେ ଓଡ଼ିଶା ସରକାର କର୍କଟ ରୋଗ ନିରାକରଣ ପାଇଁ ଏକ ଡାକ୍ତରଖାନା ନିର୍ମାଣ କରିବା ପାଇଁ ଟାଟା ଟ୍ରଷ୍ଟ ସହ ଏମଓୟୁ କରିଛନ୍ତି। ମାତ୍ର ଦୁଃଖର ବିଷୟ ଉକ୍ତ କର୍କଟ ରୋଗ ନିରାକରଣ ହସ୍ପିଟାଲଟି ରାଜ୍ୟର ରାଜଧାନୀ ଭୁବନେଶ୍ୱର ହେବାକୁ ସ୍ଥିର ହୋଇଛି। କିନ୍ତୁ ବରଗଡ଼ ଜିଲ୍ଲାରେ କର୍କଟ ରୋଗୀଙ୍କ ସଂଖ୍ୟା ଅଧିକ ହୋଇଥିବା ବେଳେ ରୋଗୀଙ୍କ ଆର୍ଥିକ ଅବସ୍ଥା ସେତେ ସ୍ୱଚ୍ଛଳ ନୁହେଁ। ଫଳରେ ସେମାନେ ଏହି ରୋଗର ଚିକିତ୍ସା ଠିକ୍ ଭାବେ କରିପାରୁ ନାହାନ୍ତି। ଏପରି ସ୍ଥିତିରେ ବରଗଡ଼ ଜିଲ୍ଲାରେ କର୍କଟ ରୋଗୀଙ୍କ ପାଇଁ ଉକ୍ତ କର୍କଟ ନିରାକରଣ ଡାକ୍ତରଖାନାଟି ଏଠାରେ ହିଁ ନିର୍ମାଣ ହେବା ନିତାନ୍ତ ଆବଶ୍ୟକ। ନଚେତ୍ ଏହି ଅଞ୍ଚଳରେ ଆଗକୁ ରୋଗୀଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ। ଯାହାକୁ ନେଇ ଜନଅସନ୍ତୋଷ ନିଶ୍ଚିତ ଭାବେ ତୀବ୍ର ହେବ। ସରକାର ଏହାକୁ ମୁକାବିଲା କରିବାକୁ ପ୍ରସ୍ତୁତ ରହିବା ଦରକାର।




ସଲମାନ ଖାନ୍‌ଙ୍କ ଜୀବନୀକୁ ଭିତ୍ତିକରି ସିନେମା ନିର୍ମାଣ ଯୋଜନାକୁ ଲକ୍ଷ୍ୟ କରି ସତୀଶ ଆଚାର୍ଯ୍ୟଙ୍କ ବ୍ୟଙ୍ଗଚିତ୍ର। (ସୌ: ଟ୍ୱିଟର)

## ମୋ ମତରେ



### ସ୍ୱାସ୍ଥ୍ୟ ସେବା ନା ଭୋଟ ନେବା

**ପାର୍ବତୀ ନାୟକ, ସାମାଜିକ କର୍ମୀ**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାମାନଙ୍କ ଚିକିତ୍ସା ଅର୍ଥ ରାଶିକୁ ବଢ଼ାଇ ୭ ଲକ୍ଷ ଟଙ୍କା କରାଯାଇଛି। ଏଇଠି ଗୋଟିଏ କଥା ମନକୁ ଆସେ ଜଣେ ମହିଳାଙ୍କ ଆପତ୍ତିକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ମହୋଦୟ ଯଦି ଲକ୍ଷ ଲକ୍ଷ ଟଙ୍କାର ଯୋଜନା କରିବାକୁ ପଛାଉ ନାହାନ୍ତି, ତେବେ ୧୮ ବର୍ଷ ଧରି କେତେ ମହିଳା ନିଜର ଆପତ୍ତି ଅଭିଯୋଗ ଅସୁବିଧା କଥା କହିବାକୁ ଆସି ଭୋକ ଉପାସରେ ଛଟପଟ ହୋଇ ଗାଁକୁ ଫେରିଯାଉଛନ୍ତି କେମିତି? ଏକଥା ଦୟାବତାର ରାଜ୍ୟ ମୁଖ୍ୟଙ୍କ କାନରେ ବାଜୁନି ବୋଧେ! ଅଠର ବର୍ଷର ମା'କୁ ସମ୍ମାନ, ଗାଁକୁ ଚାଲ ସ୍ଲୋଗାନ ଆଜି ପୁରୁଣା। ତାର ସଠିକ ଆକଳନ ନକରି ନୂଆ ଯୋଜନାର ଚକମା ଦେଖେଇବାର ମାନେ କିଛି ନାହିଁ? ମହିଳାଙ୍କ ସ୍ୱାସ୍ଥ୍ୟ ସେବା କଥା କହି ଭୋଟ ହାତେଇବା ପାଇଁ ଏହା ଏକ ମାଧ୍ୟମ ଅଟେ। ଆଗ ମହିଳାଙ୍କଠାରୁ ଏବେକାର ମହିଳା ବହୁତ ସଚେତନ ସ୍ୱାବଲମ୍ବୀ। ସେ କାହା କଥାରେ କଣ୍ଢେଇ ହୋଇ ନାହିଁ। ସରକାର ମହିଳାମାନଙ୍କୁ ରାଜନୈତିକ, ସାମାଜିକ, ଅର୍ଥନୈତିକ ସୁବିଧା ଦେଇଛନ୍ତି ବୋଲି ଯେଉଁ ଦାବି କରୁଛନ୍ତି, ତାହା ବାସ୍ତବରେ ପ୍ରଚାର। ଦାବି କରିବା, କହିବା ସମସ୍ତଙ୍କ ଅଧିକାର ମନା ନାହିଁ, ମାଳମାଳ ଯୋଜନା ଘୋଷଣା କରି କାଗଜପତ୍ରରେ ସଫଳତା ହାସଲ କରିବା ସରକାରଙ୍କ ବାଁ ହାତର ଖେଳ ହୋଇଛି। ଆଉ ମହିଳାଙ୍କ ପ୍ରତି ଅତ୍ୟାଚାର, ଅବିଚାର ରୋକିବାରେ ସରକାର ବିଫଳ ହୋଇଛନ୍ତି।

## ଓପିନିଅନ୍ ପୋଲ୍

**ଆଜିର ପ୍ରଶ୍ନ**

**ରାଜ୍ୟରେ କାର୍ଯ୍ୟ କରୁଥିବା ଏନ୍‌ଜିଓ ଗୁଡ଼ିକର ଉପଯୁକ୍ତ ନିୟନ୍ତ୍ରଣ ପାଇଁ ଧ୍ୟାନ ଦିଆଯିବା ଆବଶ୍ୟକ କି?**

ଯଦି ଆପଣଙ୍କ ଉତ୍ତର ହଁ ତେବେ ଆମକୁ **Y**, ଯଦି ନା ତେବେ **N** ଲେଖି email କରିପାରିବେ।

**ଗତ ଥରର ପ୍ରଶ୍ନ:** *ରଥରେ ସରକାରୀ ହୁଣ୍ଡି ଲାଗିଲେ ଦଇତା ସେବକ କ୍ଷତିଗ୍ରସ୍ତ ହେବେ କି?*




**ସୋଶାଲ୍ ମିଡିଆରେ 'ନିତିଦିନ'**
**Twitter @nitidintoday**
**facebook.com/nitidintoday**
**email: nitidinedit@gmail.com**

## ସୋସିଆଲ୍ ମିଡିଆରୁ

### ଭାରତ-ଚୀନ୍ ବ୍ୟବସାୟିକ ସମ୍ପର୍କ



ବିଭିନ୍ନ ସମୟରେ ମୁହାଁମୁହିଁ ହେଉଥିବା ଭାରତ ଓ ଚୀନ୍ ମଧ୍ୟରେ ଏବେ ବ୍ୟବସାୟିକ ସମ୍ପର୍କ ବୃଦ୍ଧି ପାଇବା ଆରମ୍ଭ କରିଛି। ଏହା ନିଶ୍ଚିତ ଭାବେ ଉଭୟ ଦେଶ ପାଇଁ ଭଲ ଖବର। ଚୀନ୍ ସରକାର ପୂର୍ବରୁ ଭାରତଠାରୁ ବାସୁମତୀ ଚାଉଳ ଆମଦାନୀ କରିବ ବୋଲି ନିଷ୍ପତ୍ତି ନେଇଥିଲା। ଏବେ ପୁଣି ବ୍ୟବସାୟିକ ସମ୍ପର୍କ ବୃଦ୍ଧି କରିବା ପାଇଁ ଚୀନ୍ ସରକାର ଭାରତଠାରୁ କ୍ୟାନ୍ସର ଆରୋଗ୍ୟ ଔଷଧ ଆମଦାନୀ କରିବ ବୋଲି ସହମତ ହୋଇଛି। ଏଭଳି ବ୍ୟବସାୟିକ ସମ୍ପର୍କ ଉଭୟ ଦେଶର ଅର୍ଥନୀତି ଅଭିବୃଦ୍ଧି ପାଇଁ ସହାୟକ ହେବ। ଭାରତ ଓ ଚୀନ୍‌ରେ ବିଶ୍ୱର ୩୫% ଲୋକ ରୁହନ୍ତି। ବିଶ୍ୱର ସବୁଠାରୁ ବଡ଼ ମାର୍କେଟ କହିଲେ ଭାରତ ଓ ଚୀନ୍‌କୁ ବୁଝାଏ। ଯଦି ଏହି ଦୁଇ ରାଷ୍ଟ୍ର ଏକାଠି କାର୍ଯ୍ୟ କରିବେ, ତା'ହେଲେ କେବଳ ଯେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ତାହା ନୁହେଁ, ବରଂ ଏହି ଦୁଇ ରାଷ୍ଟ୍ର ବିଶ୍ୱ ମାର୍କେଟକୁ ନିୟନ୍ତ୍ରଣ ମଧ୍ୟ କରିପାରିବେ। ତେଣୁ ଏହି ଦୁଇ ରାଷ୍ଟ୍ର ଏକାଠି ସବୁଦିନ କାର୍ଯ୍ୟ କରନ୍ତୁ ବୋଲି ଆମେ ସମସ୍ତେ ଆଶା କରିବା ଦରକାର।

**ନଟବର ଖୁଣ୍ଟିଆ,** ସ୍ତମ୍ଭକାର

### କାର୍ଯ୍ୟକାରୀ ହେବା ଦରକାର



ଗାନ୍ଧି ଜୟନ୍ତୀରୁ ୫ ମହାନଗର ନିଗମ ଓ ପୁରୀ ସହରରେ ପ୍ଲାଷ୍ଟିକ୍ ଉପରେ ଲଗାମ ଲାଗିବ। ପର୍ଯ୍ୟାୟକ୍ରମେ ୨୦୨୦ ସୁଦ୍ଧା ସମଗ୍ର ରାଜ୍ୟ ପ୍ଲାଷ୍ଟିକ୍‌ମୁକ୍ତ ହେବ। ରାଜ୍ୟ ସରକାରଙ୍କ ଏଭଳି ଘୋଷଣା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରଦୂଷଣ ମୁକ୍ତ ଓଡ଼ିଶା ପାଇଁ ଏଭଳି ନିୟମ ଲାଗୁ ହେବା ଦରକାର। କିନ୍ତୁ କେବଳ ଘୋଷଣାରେ ସବୁ ସୀମିତ ରହିଗଲେ, କେବେ ହେଲେ ସରକାରଙ୍କ ଉଦ୍ଦେଶ୍ୟ ପୂରଣ ହୋଇପାରିବ ନାହିଁ। କାରଣ ସରକାର ରାଜ୍ୟରେ ଗୁଟଖା ନିଷେଧ କରିଥିଲେ। କିନ୍ତୁ କିଛି ଦିନର କଟକଣା ପରେ ଏବେ ଖୁଲାମଖୁଲା ଗୁଟଖା ବିକ୍ରି ଚାଲିଛି। ତେଣୁ ପ୍ଲାଷ୍ଟିକ୍ ନିଷେଧ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଅଧିକାରୀମାନେ ବ୍ୟାପକ ପଦକ୍ଷେପ ନେବା ଦରକାର। ଉଲ୍ଲଙ୍ଘନକାରୀଙ୍କ ଠାରୁ ଉପଯୁକ୍ତ ଫାଇନ୍ ଆଦାୟ କରିବା ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦରକାର। ଏପରି ହେଲେ ଯାଇ ଓଡ଼ିଶା ପ୍ଲାଷ୍ଟିକ୍‌ମୁକ୍ତ ହୋଇ ପାରିବ। ନହେଲେ କେବଳ ଲୋକଦେଖାଣିଆ ଭାବେ ଘୋଷଣା କରି ଚୁପ୍ ରହିଲେ କିଛି ବି ଲାଭ ହେବ ନାହିଁ।

**ରଶ୍ମିରଞ୍ଜନ ବିଶ୍ୱାଳ,** ଜଗତସିଂହପୁର

### ସମ୍ପର୍କ ବୃଦ୍ଧି ସ୍ୱାଗତଯୋଗ୍ୟ ପଦକ୍ଷେପ



ପୂର୍ବରୁ ଆମେ ଅନେକ ଥର ଦେଖିଛୁ ଯେ ଚୀନ୍ ସରକାର ଭାରତ ସହ ବିଭିନ୍ନ ପ୍ରସଙ୍ଗରେ ବିଶ୍ୱାସଘାତକତା କରିଛନ୍ତି। କିଛି ମାସ ତଳେ ଭାରତ-ଚୀନ୍ ସମ୍ପର୍କ ଖରାପ ହୋଇଥିଲା। ଭାରତ ସରକାର ଏଥିରେ କ୍ଷୁବ୍ଧ ହୋଇ ଦେଶରେ ଚୀନ୍ ସାମଗ୍ରୀ ଉପରେ ବ୍ୟାନ୍ କରିବାକୁ ଯୋଜନା କରିଥିଲେ। ବିଭିନ୍ନ ମହଲରେ ମଧ୍ୟ ଚୀନ୍ ଦ୍ରବ୍ୟ ବ୍ୟବହାର ନ କରିବାକୁ ଦାବି ଉଠିଥିଲା। ଚୀନ୍ ମଧ୍ୟ ଭାରତକୁ ଜାତିସଂଘ ଆଣବିକ ପରିଷଦର ସ୍ଥାୟୀ ସଦସ୍ୟ ଭାବେ ସାମିଲ କରିବାକୁ ବିରୋଧ କରିଥିଲା। ଅନ୍ୟ ରାଷ୍ଟ୍ରଗୁଡ଼ିକ ଭାରତକୁ ସମର୍ଥନ କରୁଥିବା ବେଳେ ଚୀନ୍ କେବଳ ଏହାକୁ ବିରୋଧ କରିଆସୁଛି। ଯାହାକୁ ନେଇ ଅନେକ ସମୟରେ ଭାରତ ଓ ଚୀନ୍ ମଧ୍ୟରେ ବାକ୍‌ଯୁଦ୍ଧ ଦେଖିବାକୁ ମିଳିଛି। ଏବେ ଚୀନ୍ ଯଦି ନିଜ ପକ୍ଷରୁ ଭାରତ ସହ ବ୍ୟବସାୟିକ ସମ୍ପର୍କ ବୃଦ୍ଧି କରିବାକୁ ଆଗ୍ରହ ପ୍ରକାଶ କରୁଛି, ତା'ହେଲେ ଏହା ନିଶ୍ଚିତ ଭାବେ ଏକ ଭଲ ଖବର। ଏହାକୁ ସମସ୍ତେ ସ୍ୱାଗତ କରିବା ଦରକାର। ଚୀନ୍ ଓ ଭାରତ ସମ୍ପର୍କରେ ଉନ୍ନତି ଆସିଲେ ଉଭୟ ଦେଶ ପାଇଁ ଏହା ଲାଭପ୍ରଦ ହେବ।

**ବିଦ୍ୟାଧର ମହାରଣା,** କନସଲଟାଣ୍ଟ

### ଶଙ୍କରାଚାର୍ଯ୍ୟଙ୍କୁ ଶୁଣନ୍ତୁ



ଶ୍ରୀଜଗନ୍ନାଥ ମନ୍ଦିରର ନୀତିକାନ୍ତି ମାଦଳା ପାଞ୍ଜି ଦ୍ୱାରା ନିର୍ଦ୍ଧାରିତ। ମାଦଳା ପାଞ୍ଜିର ନିୟମ ଅନୁଯାୟୀ ମହାପ୍ରଭୁଙ୍କ ବିଭିନ୍ନ ନୀତିକାନ୍ତି ସମ୍ପାଦନ କରାଯାଏ। ସ୍ଥଳବିଶେଷରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଯାହା ପରାମର୍ଶ ଦିଅନ୍ତି, ତାହା ଗ୍ରହଣୀୟ ହୁଏ। ତେଣୁ ଧାର୍ମିକ ମାମଲାରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଆଦୌ ଗ୍ରହଣୀୟ ନୁହେଁ। କିନ୍ତୁ ଶ୍ରୀମନ୍ଦିରର କିଛି ବିଶୃଙ୍ଖଳିତ ସେବକ ଶଙ୍କରାଚାର୍ଯ୍ୟଙ୍କୁ ମାନିଲେ ନାହିଁ। ସେ ଯାହା ନିର୍ଦ୍ଦେଶ ଦେଲେ, ତାକୁ ସେମାନେ କାର୍ଯ୍ୟକାରୀ କଲେନାହିଁ। ଏପରି ସ୍ଥିତିରେ କିଛି ଷଡ଼ଯନ୍ତ୍ରକାରୀ କୋର୍ଟ ଚାଲିଗଲେ। ଯଦି ଶଙ୍କରାଚାର୍ଯ୍ୟଙ୍କୁ ସମ୍ମାନ ଦେଇଥାଆନ୍ତେ ତା'ହେଲେ କେବେ ହେଲେ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନଥାଆନ୍ତା। ତେଣୁ ଆଜି ଯାହା ବି ପରିସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ କିଛି ବିଶୃଙ୍ଖଳିତ ସେବାୟତ ଓ ଷଡ଼ଯନ୍ତ୍ରକାରୀ ହିଁ ଦାୟୀ। ଏହାକୁ କେହି ନ ମାନିଲେ ବି ଏହା ହିଁ ସତ୍ୟ। କିଛି ସେବାୟତ ଓ ଶ୍ରୀମନ୍ଦିର ବିରୋଧରେ ଷଡ଼ଯନ୍ତ୍ର କରୁଥିବା ବ୍ୟକ୍ତିବିଶେଷମାନେ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବା ଦରକାର।

**ବିଶ୍ୱଜିତ୍ ମହାନ୍ତି,** ପୁରୀ